# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 August – 2025**

**********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ମାସ ୧୮ ତାରିଖରୁ ହେବ ଆରମ୍ଭ
- ଇଣ୍ଡି ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କଲେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି.ସୁଦର୍ଶନ ରେଡ୍ଡୀ
- ରାଜ୍ୟରେ ହାତୀ ସଂରକ୍ଷଣକୁ ନେଇ ଖୁବ୍‌ଶୀଘ୍ର ନୂତନ ଯୋଜନା କାର୍ଯ୍ୟକାରୀ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ତ୍ରୟୋଦଶ ତିଥିରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ

***BBSR/R***

# ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆସନ୍ତା ମାସ ୧୮ ତାରିଖରୁ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଧାନସଭା ସଚିବାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଅଧିବେଶନ କାଳରେ ମୋଟ ୭ଟି କାର୍ଯ୍ୟଦିବସ ରହିଛି।

***News Pool***

# ରେଡ୍ଡୀ-ନୋମିନେସନ

ଇଣ୍ଡିମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ଆଜି ସଂସଦ ଭବନରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ନାମାଙ୍କନପତ୍ର ଦାଖଲ ସମୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧୀ, ଏନ୍‌ସିପି-ଏସ୍‌ସିପି ନେତା ଶରଦ ପାଓ୍ୱାରଙ୍କ ସମେତ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ ।

ଆସନ୍ତାକାଲି ନାମାଙ୍କନ ପତ୍ର ଗୁଡ଼ିକର ଯାଞ୍ଚ କରାଯିବ। ଚଳିତମାସ ୨୫ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯାଇପାରିବ । ଉପରାଷ୍ଟ୍ରପତି ନିର୍ବାଚନ ଆସନ୍ତା ସେପ୍ଟେମ୍ବର ମାସ ୯ ତାରିଖରେ ହେବ ବୋଲି ଜଣାପଡିଛି ।

*Desk*

## ହାତୀ ସୁରକ୍ଷା

ହାତୀ କରିଡ଼ରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଚନ୍ଦକାସ୍ଥିତ ଗୋଡ଼ିବାରିଠାରେ ଆଜି ହାତୀମାନଙ୍କ ଗବେଷଣା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଓ ଦୁଇଦିନିଆ ମାନବ ହାତୀ ସହବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ହାତୀମାନେ ଜନବସତି ମୁହାଁ ନ ହେବା ପାଇଁ ଜଙ୍ଗଲରେ ଧାନଚାଷ ଓ ଜଳଉତ୍ସ ନିର୍ମାଣ କରାଯିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ହାତୀ ସଂରକ୍ଷଣ ନେଇ ସ୍ୱତନ୍ତ୍ର ଯୋଜନା ଖୁବ୍‌ଶୀଘ୍ର ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - Chief Minister**

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏବେ ୨ ହଜାର ୧୦୦ ହାତୀ ଥିବାରୁ ତାଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଗତ ୧୦ ବର୍ଷରେ ହାତୀ-ମଣିଷ ଲଢ଼େଇରେ ୯୦୦ ଜୀବନହାନୀ ସହ ୭୦୦ ହାତୀ ପ୍ରାଣ ହରାଇଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

***BBSR/R***

## ବିଜ୍ଞପ୍ତି ଜାରି

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅଧିକାରୀମାନଙ୍କୁ ବିଳମ୍ବ ନ କରି ସେମାନଙ୍କର ନିଯୁକ୍ତ ସ୍ଥାନରେ ଯୋଗଦେବା ପାଇଁ ବିଜ୍ଞପ୍ତି ଜାରି

କରାଯାଇଛି । ସମସ୍ତ ପଦୋନ୍ନତି ପ୍ରାପ୍ତ କିମ୍ବା ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନ କରି ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ କୃଷି ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ଅଧିକାରୀ ଏହି ନିର୍ଦ୍ଦେଶରେ ଖିଲାପ କରନ୍ତି ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଥିସହ ଆସନ୍ତା ମାସରୁ ଦରମା ବନ୍ଦ କରାଯିବ ବୋଲି ଡକ୍ଟର ପାଢ଼ି କହିଛନ୍ତି ।

***Desk***

## ଧାନଚାଷ- ନୂତନ ଯୋଜନା

ରାଜ୍ୟରେ ଧାନଚାଷ ବ୍ୟତୀତ ଅନ୍ୟ ଫସଲକୁ ପ୍ରୋତ୍ସାହନ ଦେବା ପାଇଁ ନୂତନ ଯୋଜନା ପ୍ରଣୟନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଧାନଚାଷ ପାଇଁ ୮୦୦ ଟଙ୍କା ଇନପୁଟ ସହାୟତା ବୃଦ୍ଧି କରାଯାଇଛି । ଫଳରେ ଚାଷୀମାନେ ଧାନଚାଷ ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ତେବେ ଏଥିଯୋଗୁଁ ଅନ୍ୟ ଫସଲ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ ଅନ୍ୟ ଫସଲକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Desk***

## ଅନ୍‌ଲାଇନ୍ ଗେମିଂ ବିଲ୍

ଅନ୍‌ଲାଇନ୍ ଗେମିଂର ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫ ଲୋକସଭାରେ ପାରିତ ହୋଇଯାଇଛି । ଇ-କ୍ରୀଡ଼ା ଏବଂ ଅନ୍‌ଲାଇନ୍

ସାମାଜିକ ଖେଳକୁ ଏହି ବିଲ୍ ପ୍ରୋତ୍ସାହନ ଦେଉଥିବାବେଳେ ବେଆଇନ ଆର୍ଥିକ କାରବାର, ବିଜ୍ଞାପନ ଆଦିରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ । ଏ କ୍ଷେତ୍ରରେ ରଣନୈତିକ ବିକାଶ, ନିୟାମକ ତଦାରଖ ପାଇଁ ଏକ ଅନ୍‌ଲାଇନ୍ ଗେମିଂ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଛି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଗତ ୧୧ ବର୍ଷ ମଧ୍ୟରେ ଭାରତୀୟଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିଛି। ଡିଜିଟାଲ ଇଣ୍ଡିଆ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ୟୁପିଆଇ ପେମେଣ୍ଟ ସିଷ୍ଟମ, ଫାଇଭ୍-ଜି ସଂଯୋଗ ଏବଂ ସେମିକଣ୍ଡକ୍ଟର ଇକୋସିଷ୍ଟମ ଦେଶକୁ ଅଗ୍ରଗତିର ଶିଖରରେ ପହଁଞ୍ଚାଇଛି। ପ୍ରଯୁକ୍ତିବିଦ୍ୟାର ଉପଯୋଗରେ ନାଗରିକଙ୍କୁ ବିଭିନ୍ନ ସୁବିଧା ମିଳୁଥିବା ବେଳେ ଏଥିସହିତ ନୂତନ ବିପଦ ସୃଷ୍ଟି ହୋଇଛି। ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଦୁରୁପଯୋଗ କାରଣରୁ ହେଉଥିବା ସମ୍ଭାବ୍ୟ କ୍ଷତିଠାରୁ ସମାଜକୁ ବିଶେଷ କରି ଯୁବବର୍ଗଙ୍କୁ ସୁରକ୍ଷିତ ରଖିବା ପାଇଁ ଅନଲାଇନ୍ ଗେମିଂ ପ୍ରସାର ଓ ନିୟନ୍ତ୍ରଣ ବିଲ୍-୨୦୨୫ ଆଗତ କରାଯାଇଛି। ବ୍ୟକ୍ତିବିଶେଷ, ବିଶେଷକରି ଯୁବପିଢ଼ିଙ୍କୁ ଏହି ଖେଳର ସାମାଜିକ, ଆର୍ଥିକ, ମାନସିକ ଏବଂ ଗୋପନୀୟତା ପ୍ରତିକୂଳ ପ୍ରଭାବରୁ ସୁରକ୍ଷା ପ୍ରଦାନ କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ ଜାତୀୟ ସ୍ତରୀୟ ଆଇନଗତ ଢାଞ୍ଚା ପ୍ରତିଷ୍ଠା ପାଇଁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି । ଅନ୍‌ଲାଇନ୍ ଗେମିଂରେ ବେଆଇନ ଆର୍ଥିକ କାରବାର ତଥା

ଆଇନ ଉଲ୍ଲଂଘନ କ୍ଷେତ୍ରରେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି । ଅନଲାଇନ୍ ଗେମ୍ ଖେଳି କ୍ଷତିଗ୍ରସ୍ତ ହୋଇଥିବା ଭୁବନେଶ୍ୱରର ବିଶ୍ୱଜିତ ଗାଇଗାରିଆ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

***BBSR/R***

## ବିଶ୍ୱ ଦକ୍ଷତା କେନ୍ଦ୍ର– ନାମଲେଖା

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୫-୨୬ ସେପ୍ଟେମ୍ବର ସେସନ୍‌ରେ ନାମଲେଖା ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିଛି। ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମରେ ତାଲିମ ନେବା ଲାଗି ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ସେପ୍ଟେମ୍ବର ମାସ ୧ ତାରିଖ ସୁଦ୍ଧା ଆବେଦନ କରିବାକୁ ବିଶ୍ୱଦକ୍ଷତା କେନ୍ଦ୍ର ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆଗ୍ରହୀ ପ୍ରାର୍ଥୀମାନେ www.worldskillcenter.org ମାଧ୍ୟମରେ ଆବେଦନ କରିପାରିବେ। ଅଧିକ ତଥ୍ୟ ପାଇଁ ୧୮୦୦-୨୬୬୬-୦୦୨ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିପାରିବେ।

***Desk***

# ଚାରାରୋପଣ

କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ଆସନ୍ତା ମାସ ୧୭ ତାରିଖରେ ସାରା ରାଜ୍ୟରେ ୨ଲକ୍ଷ ଚାରାରୋପଣ କରାଯିବ । ଏନେଇ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସମୀକ୍ଷା କରିଛନ୍ତି ।

*Ganjam*

## ପ୍ରକଳ୍ପ ବୈଠକ ଅନୁଷ୍ଠିତ

ଗଞ୍ଜାମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମନ୍ୱୟ ଏବଂ ନୂତନ ଜୀବିକା ମୂଳକ ପ୍ରକଳ୍ପ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି.କୀର୍ତ୍ତିଓ୍ୱାଶନ  ଉପସ୍ଥିତ ରହି ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ମିଶନ ଜରିଆରେ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧିକୁ ଆହୁରି ସୁଦୃଢ଼ କରିବା ସହ କୃଷି, ଉଦ୍ୟାନ, ମତ୍ସ୍ୟ ଆଦି ବିଭାଗର ମିଳିତ ସମନ୍ୱୟରେ ବିଭିନ୍ନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

*Ganjam*

## ସହାୟତା ରାଶି ବଣ୍ଟନ

ଗଞ୍ଜାମ ଜିଲ୍ଲାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଜିଲ୍ଲାପାଳ ଭି.କୀର୍ତ୍ତି ଓ୍ୱାସନ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିଛନ୍ତି। ଜିଲ୍ଲାରେ ୨ ହଜାର ୬୮ ଜଣ ହିତାଧିକାରୀଙ୍କୁ ୫ କୋଟି ୩୩ ଲକ୍ଷ ୬୦ ହଜାର ୪୦୦ ଟଙ୍କା ବିଭିନ୍ନ ବିଭାଗର ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଏଥିସହ ଯେଉଁମାନେ ନିର୍ମାଣ ଶ୍ରମିକରେ ଅର୍ନ୍ତଭୁକ୍ତ ଅଛନ୍ତି ସେମାନଙ୍କ କାର୍ଡକୁ ପ୍ରତିବର୍ଷ ନବୀକରଣ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି।

*Puri*

## କୃଷ୍ଣ ବଳରାମ ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ଶେଷ ହେବାପରେ ଏହି ବେଶ ଆରମ୍ଭ ହୋଇ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ରହିବ। ଏହି ବେଶରେ ଜଗନ୍ନାଥଙ୍କୁ କୃଷ୍ଣ ଓ ବଳଭଦ୍ରଙ୍କୁ ବଳରାମ ରୂପରେ ସୁସଜ୍ଜିତ କରାଯିବ। ଦେବୀ ସୁଭଦ୍ରା ଚର୍ତୁଭୁଜ ଧାରଣ କରି ଭିନ୍ନ ଭିନ୍ନ ଆୟୁଧ ସହ ପଦ୍ମାସନରେ ଉପବେଶନ କରିବେ। ଏହି ବେଶରେ ଉଭୟ କୃଷ୍ଣ ଏବଂ ବଳରାମ କାଷ୍ଠ ନିର୍ମିତ ଦୁଇ ଗୋଡ଼ ଛନ୍ଦି' ଛନ୍ଦପୟର ମୁଦ୍ରାରେ ରହିଥାନ୍ତି। ଏହି ବେଶରେ ମହାପ୍ରଭୁଙ୍କୁ କ୍ଷିରୀ ଓ ଅମାଲୁ ଭୋଗ ଲାଗି ହୋଇଥିଲା।

*Nabarangpur*

## ସହାୟତା ରାଶି ପ୍ରଦାନ

ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଧବଳେଶ୍ୱରଙ୍କୁ ଡାକ୍ତର ପାଠପଢ଼ା ପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଧବଳେଶ୍ୱରଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ନାମଲେଖା ପାଇଁ ଏହି ଅର୍ଥରାଶି ପ୍ରଦାନ କରିବା ସହ ଆଗାମୀ ଦିନରେ ତାଙ୍କ

ପାଠପଢ଼ାରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

***Malkangiri***

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ମାଲକାନଗିରି ଜିଲ୍ଲାର ଖଇରାପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟି ଅଞ୍ଚଳର ଅଣ୍ଡାହାଲ ଓ ମୁଦୁଲିପଡ଼ା ଗ୍ରାମକୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆଜି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସୀତାକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ଉନ୍ନତିକରଣ କାର୍ଯ୍ୟ ଶୀଘ୍ର କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଞ୍ଚଳରେ ଥିବା ମାତୃ ଶିଶୁ ପୋଷଣ କେନ୍ଦ୍ର, ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଛନ୍ତି । ନିର୍ମାଣାଧୀନ ଗୋବିନ୍ଦପାଲି ନୂତନ ପଞ୍ଚାୟତ ଗୃହ, ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକୁ ମଧ୍ୟ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ସ୍ଥାନୀୟ ଏସ୍.ଏସ୍.ଡି ବାଳିକା ଉଚ୍ଚବିଦ୍ୟାଳୟର ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ସଂସ୍କୃତ ପଢ଼ାଇଛନ୍ତି ।